# ନେତେ ଦିଗନ୍ତ

ମନୋଜ ଦାସ

## ସେ ଯୁଗର ପର୍ଯ୍ୟଟକ

ବିଗତ ବର୍ଷକୁ ଅନ୍ତର୍ଜାତିକ ପର୍ଯ୍ୟଟନ ବର୍ଷ (International Tourist Year) ବୋଲି ଘୋଷଣା କରାଯାଇଛି । ଏ ଯୁଗରେ ପରିଭ୍ରମଣ (Tourism)ର ଗୁରୁତ୍ୱ ସମ୍ପର୍କରେ କିଛି ଲେଖିବାର ପ୍ରୟୋଜନ ଅଥବା ପ୍ରେରଣା ମୋର ନାହିଁ । ସାମାନ୍ୟ କେତୋଟି ଦେଶକୁ ଛାଡ଼ି ଦେଲେ, ଆଜି ପୃଥିବୀର ସବୁ ଦେଶର ପ୍ରବେଶ ଦ୍ୱାର ବିଦେଶୀ ଅଭ୍ୟାଗତମାନଙ୍କ ସକାଶେ ଉନ୍ମୁକ୍ତ । ତେବେ, ଆର୍ଥିକ କାରଣରୁ କେତେକ ବିଶେଷ ଦେଶ ବିଦେଶୀ ପର୍ଯ୍ୟଟକମାନଙ୍କୁ ସ୍ୱାଗତ କରିବା ବେଳେ ଉନ୍ମୁଖ, ଯଦିଓ ସ୍ୱଦେଶର ନାଗରିକମାନଙ୍କୁ ବିଦେଶ ପଠାଇବା ଦିଗରେ ଅତ୍ୟନ୍ତ ପରାଙ୍ମୁଖ ।

ଯୁଗେ ଯୁଗେ ବିଦେଶୀ ପର୍ଯ୍ୟଟକମାନଙ୍କ ଆଗରେ ଭାରତବର୍ଷ ପ୍ରତିଭାତ ହୋଇଛି ଏକ ସୁଦୂର ସ୍ୱପ୍ନର ଦେଶ ରୂପେ । ସେମାନଙ୍କ ଦ୍ୱାରା ସଂଗୃହୀତ ଓ ଲିପିବଦ୍ଧ ତଥ୍ୟ ଭାରତର ଇତିହାସ ସଙ୍କଳନରେ ପ୍ରଭୂତ ସହାୟତା କରିଛି । ଏ ଦିଗରେ ଫାହିଏନ, ହୁଏନ ସାଂ ଇତ୍ୟାଦି ସୁବିଦିତ ପ୍ରାଚୀନ ନାମଗୁଡ଼ିକୁ ଛାଡ଼ି ଦେଲେ ମଧ୍ୟ ଆମେ ନିକଟ ଅତୀତରେ ସପ୍ତଦଶ ଶତାବ୍ଦୀରେ—ଏଭଳି କେତେକ ପର୍ଯ୍ୟଟକଙ୍କର ବିବରଣୀ ଦେଖିବାକୁ ପାଉଁ, ଯାହାକି ଭାରତୀୟ ଇତିହାସର ଅପରିହାର୍ଯ୍ୟ ଉପାଦାନ । ତନ୍ମଧ୍ୟରୁ ସାର୍ ଥୋମସ ରୋଙ୍କ ଗହଣରେ ଆସିଥିବା ରେଭରେଣ୍ଡ ଟେରି (୧୬୧୫-୧୮ : ଜାହାଙ୍ଗୀରଙ୍କ ସମୟ), ରୋମର ନାଗରିକ ପିଟ୍ରୋ ଡେଲା ଭାଲେ (୧୬୨୩-୨୫), ଫରାସୀ ବଣିକ ଟାଭରନିଅର [୧୬୪୧-୬୮ : ସାହାଜାହାନଙ୍କ ତଥା ଆଉରଙ୍ଗଜେବଙ୍କ ସମୟ], ଅନ୍ୟ ଜଣେ ଫରାସୀ ଭଦ୍ରଲୋକ ଥେଭେନଟ (୧୬୬୬)ଙ୍କର ବିବରଣୀ ମୋଗଲ ଯୁଗର ଅନ୍ତରଙ୍ଗ ପରିଚୟ ଲାଭ କରିବା ଦିଗରେ ବିଶେଷ ସହାୟକ ।

ଏଥିରୁ ପ୍ରତ୍ୟେକଙ୍କ ବିବରଣୀ ଉପରେ ଗୋଟିଏ ଗୋଟିଏ ନିବନ୍ଧ ଲେଖାଯାଇ ପାରେ । ତେବେ ସେ ଲୋଭ ସମ୍ବରଣ କରି ଆପାତତଃ ଟାଭରନିଅରଙ୍କ ପ୍ରତି ମନଯୋଗ ଦିଆଯାଉ । ଫରାସୀ ରତ୍ନ ବ୍ୟବସାୟୀ ଜ୍ୟାଁ ବାପ୍ଟିଷ୍ଟ ଟାଭରନିଅର ୧୬୪୧ ବା ୧୬୪୨ ମସିହାରେ ପ୍ରଥମେ ଭାରତବର୍ଷକୁ ଆସିଥିଲେ । ଫରାସୀ ଭାଷାରେ ତାଙ୍କ ଭ୍ରମଣକାହାଣୀ ପ୍ରଥମେ ୧୬୭୬ ମସିହାରେ ପ୍ରକାଶିତ ହୋଇ ଏତେ ଖ୍ୟାତି ଅର୍ଜନ କଲା ଯେ, ପରବର୍ଷ ହିଁ ତା'ର ଇଂରାଜୀ ଅନୁବାଦ ପ୍ରକାଶ ପାଇଲା, ଏବଂ ଊନବିଂଶ ଶତାବ୍ଦୀର ଶେଷ ସୁଦ୍ଧା ଇଂରାଜୀରେ ଅନ୍ତତଃ କୋଡ଼ିଏଟି ଭିନ୍ନ ଭିନ୍ନ ସଂସ୍କରଣ ପ୍ରକାଶ ପାଇଥିଲା ।

ଏଇ ମୁହୂର୍ତ୍ତରେ ମୁଁ ଯେଉଁ ସଂସ୍କରଣଟି ପଢ଼ୁଛି ତାହା ୧୯୦୫ ମସିହାରେ ପ୍ରକାଶିତ ଏବଂ ବିପୁଳ ବପୁ-ସମ୍ପନ୍ନ । ସପ୍ତଦଶ ଶତାବ୍ଦୀର ଭାରତବର୍ଷର ଯେଉଁ ଚିତ୍ର ସେ ଦେଇଛନ୍ତି, ତାହା କେବଳ ଚିତ୍ତାକର୍ଷକ ନୁହେଁ, ସମୟତଃ ରୋମହର୍ଷକ । କୌଣସି ଏକ ପ୍ରଦେଶର ଶାସକ ଥିଲେ ସାହାଜାହାନଙ୍କ ଭଣଜା । ଶାସକଟି ତାଙ୍କର ଜଣେ ତରୁଣ ପରିଚାରକ ପ୍ରତି କିଛି ଅଶ୍ଳୀଳ ବ୍ୟବହାର କରନ୍ତେ ପରିଚାରକ ତାଙ୍କୁ ଛୁରୀ ଭୁଷି ହତ୍ୟାକଲା । ସାହାଜାହାନଙ୍କ ପାଖକୁ ଯେତେବେଳେ ଖବର ଗଲା, ସେ ସେହି ପରିଚାରକକୁ ଶାସକ ନିଯୁକ୍ତ କଲେ । ଅବଶ୍ୟ ଟାଭରନିଅର ଏ କଥା ଉଲ୍ଲେଖ କରିବାକୁ ଭୁଲି ନାହାନ୍ତି ଯେ ମୃତ ଭଣଜାଙ୍କର ସମସ୍ତ ସମ୍ପତ୍ତିର ଉତ୍ତରାଧିକାରୀ ହେଲେ ସାହାଜାହାନ ।

ସେ ଯୁଗର ଅଦ୍ଭୁତ ବିଚାର ବ୍ୟବସ୍ଥାର ଆଉ ଏକ ଦୃଷ୍ଟାନ୍ତ ଦେଖନ୍ତୁ । ଅହମଦାବାଦ ସହରର ଜଣେ ଧନୀ ବଣିକଙ୍କର ସନ୍ତାନ ସନ୍ତତି ହେଉ ନ ଥିଲା । ଦିନେ ଯୋଗୀ ପତ୍ନୀଙ୍କୁ ଜଣେ ବାବା ଗୋଟିଏ ଜୀବନ୍ତ ମାଛ ଖାଇଲେ ପିଲା ହେବ ବୋଲି ଉପଦେଶ ଦେଲା । ମତ୍ସ୍ୟ ଭକ୍ଷଣ ତାଙ୍କ ଜାତିରେ ନିଷିଦ୍ଧ ହୋଇଥିବା ହେତୁ ମହିଳା ପ୍ରଥମେ ବହୁତ ନାମଙ୍ଗ ହୋଇ ଶେଷରେ ଖାଇଲେ । ପିଲା ଗର୍ଭରେ ଥିବା ଅବସ୍ଥାରେ ଜଣେ ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ହେଲା । ସମ୍ପତ୍ତିର ଉତ୍ତରାଧିକାରୀ ହେବାକୁ ସ୍ୱପ୍ନ ଦେଖୁଥିବା ଭ୍ରାତୁଷ୍ପୁତ୍ରଗଣ ବିଧବାଙ୍କର ଗର୍ଭ ବୃତ୍ତାନ୍ତକୁ ହସରେ ଉଡ଼ାଇ ଦେଲେ ଓ ଶେଷରେ ସନ୍ତାନଟି ଭୂମିଷ୍ଠ ହେବାରୁ ତାକୁ ଅବୈଧ ବୋଲି ରଟନା କଲେ । ବିଚାରରେ ମହିଳାଟି ତାଙ୍କ ମତ୍ସ୍ୟ-ଭକ୍ଷଣ ବୃତ୍ତାନ୍ତ ପ୍ରକାଶ କଲେ । ରାଜା କହିଲେ, ପିଲାକୁ ଆଣି ବିଶେଷଜ୍ଞମାନେ ତା'ର ଚର୍ମ୍ମର ଆଘ୍ରାଣ ନିଅନ୍ତୁ । ଯଦି ମାଛୁଆ ବାସୁଥିବ, ତେବେ ସେ ବୈଧ ସନ୍ତାନ । ପିଲାଟି ମାଛୁଆ ବାସିଲା ଓ ବିଧବାଙ୍କର ଜୟ ହେଲା ।

ଭାରତୀୟ ମନ୍ଦିରମାନଙ୍କ ବିଷୟର ବିଭିନ୍ନ ବିବରଣୀ ମଧ୍ୟ ସେ ଲିପିବଦ୍ଧ କରିଛନ୍ତି । ଥରେ "ଅମ୍ବ ନାମକ" ଫଳ ଗଛର ଅରଣ୍ୟ ଭିତରେ ଯାଉଁ ଯାଉଁ ସେ ଓ ତାଙ୍କର ସହଯାତ୍ରୀମାନେ ପଲେ ମର୍କଟ ଦର୍ଶନ କଲେ । ଯାତ୍ରୀ ଦଳର ବିଦେଶୀ ନେତା ଜଣକ ଟାଭରନିଅରଙ୍କୁ ଗୋଟାଏ ମାଙ୍କଡ଼କୁ ଗୁଳି କରିବାକୁ ଅନୁରୋଧ କଲେ । ଟାଭରନିଅର ଅନିଚ୍ଛା ସତ୍ତ୍ୱେ ଗୋଟିଏ ସ୍ତ୍ରୀ ମାଙ୍କଡ଼କୁ ମାରିଲେ । ତତ୍କ୍ଷଣାତ୍ ପଲକଯାକ ମାଙ୍କଡ଼ ଆସି ଟାଭରନିଅରଙ୍କୁ ସ୍ପର୍ଶ ନ କରି ନେତାଙ୍କ ଗଳାଟିପି ମାରି ପକାଇବାକୁ ବସିଲେ । ନେତା ଅବଶ୍ୟ ଅଳ୍ପକେ ରକ୍ଷା ପାଇଗଲେ ।

( ଚତୁର୍ଥ ପୃଷ୍ଠା ଦେଖନ୍ତୁ )

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଏହି ମୋଗଲ ଯୁଗୀୟ ଭାରତର କେତେ ଘଟଣା ଟାଭରନିଅର ଲିପିବଦ୍ଧ କରିଛନ୍ତି । ବିଶେଷତଃ ଆଉରଙ୍ଗଜେବଙ୍କର ଗାଦି ଅଧିକାର ସଂକ୍ରାନ୍ତୀୟ ସମସ୍ତ ବ୍ୟାପାର ତାଙ୍କ ବିବରଣୀରୁ ଜାଣିବାକୁ ମିଳେ । ସେସବୁ ବହୁଳ ଜ୍ଞାତ କଥା । କେବଳ ଗୋଟିଏ କରୁଣ କାହାଣୀର ଉଲ୍ଲେଖ କରି ଏ ପ୍ରସଙ୍ଗ ଶେଷ କରିବ । ସାହାଜାହାନଙ୍କ ଜ୍ୟେଷ୍ଠା କନ୍ୟା ଶେଷ ପର୍ଯ୍ୟନ୍ତ ବନ୍ଦୀ ପିତାଙ୍କ ସହିତ ରହିଥିଲେ । କନିଷ୍ଠା ରୋଶନାରା ବେଗମ ଆଉରଙ୍ଗଜେବଙ୍କ ଗାଦି ଅଧିକାର ଦିଗରେ ସହାୟତା କରିଥିଲେ ଓ ଫଳରେ 'ସୁ-ବେଗମ' (ବା 'ରାଣୀ ରାଜକୁମାରୀ') ଉପାଧିରେ ଭୂଷିତ ହୋଇଥିଲେ ।

ରୋଶନାରାଙ୍କର ଥିଲେ ଜଣେ ଯୁବକ ପ୍ରେମିକ । ପ୍ରାଚୀର ଉଲ୍ଲଙ୍ଘନ କରି ସେ ରାତି ପରେ ରାତି ରୋଶନାରାଙ୍କ ଗୋପନରେ ଅନ୍ତଃପୁରରେ ପ୍ରବେଶ କରୁଥିଲେ । ଦିନେ ଜଣାର୍ଦ୍ଦରେ ଉକ୍ତ ଯୁବକଙ୍କର ଆଗମନ